European Union
(ଇଉରୋପୀଅନ୍ ୟୁନିଅନ୍)

# ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି)

(ଡ଼ିସିଏ) (ସ୍ପ୍ରେଡ୍)

- ପ୍ରତ୍ୟେକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଗୋଟିଏ ବିଦ୍ୟାଳୟ ପରିଚାଳନା କମିଟି ରହିବ। ଯେଉଁଥିରେ ଅତି କମ୍‌ରେ ୧୬ଜଣ ସଭ୍ୟ ରହିବେ। ସଂପୃକ୍ତ ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକ ସଂଘ ବିଦ୍ୟାଳୟ ପରିଚାଳନା କମିଟିକୁ ନିର୍ବାଚିତ କରିବେ। ଏହି କମିଟିରେ ୧୨ଜଣ ଅଭିଭାବକ ସଦସ୍ୟ ରହିବେ।
- ୫୦ପ୍ରତିଶତ ପୁରୁଷ ଯାହାଙ୍କ ଭିତରେ ଉପଲବ୍ଧତା ଭିତ୍ତିରେ ଅତିକମ୍‌ରେ ଜଣେ ଏସି/ଏସ୍‌ଟି/ସାମାଜିକ ସୁଯୋଗରୁ ବଞ୍ଚିତ ବର୍ଗ ଓ ଜଣେ ଅର୍ଥନୈତିକ ଦୁର୍ବଳ ବର୍ଗର ସଦସ୍ୟ ରହିବେ।
- ୫୦ପ୍ରତିଶତ ମହିଳା ଯାହାଙ୍କ ଭିତରେ ଉପଲବ୍ଧତା ଭିତ୍ତିରେ ଅତିକମ୍‌ରେ ଜଣେ ଏସି/ଏସ୍‌ଟି/ସାମାଜିକ ସୁଯୋଗରୁ ବଞ୍ଚିତ ବର୍ଗ ଓ ଜଣେ ଅର୍ଥନୈତିକ ଦୁର୍ବଳ ବର୍ଗର ସଦସ୍ୟ ରହିବେ।
- ଅନ୍ୟ ସାତଜଣଙ୍କ ମଧ୍ୟରେ ପଦପ୍ରଯୁକ୍ତ ୱାର୍ଡ଼ମେମ୍ବର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ପ୍ରଧାନ ଶିକ୍ଷକ ସଦସ୍ୟ ରହିବାବେଳେ ମନୋନୀତ ସଦସ୍ୟଭାବେ ଜଣେ ଶିକ୍ଷକ ଓ ଦୁଇଜଣ ଛାତ୍ର/ଛାତ୍ରୀ ସଦସ୍ୟ ଭାବେ ରହିବେ।
- ବିଦ୍ୟାଳୟ ପରିଚାଳନା କମିଟିର ବୈଠକ ପ୍ରତି ମାସରେ ହେବ। ବୈଠକର କୋରମ୍ ପାଇଁ ସମୁଦାୟ ସଭ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ (ତିନି ଭାଗରୁ ଏକ ଭାଗ) ଉପସ୍ଥିତ ରହିବା ଜରୁରୀ।



## ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି)ର କାର୍ଯ୍ୟ

- ୬ରୁ ୧୪ବର୍ଷ ବୟସର ଶିଶୁମାନଙ୍କୁ ଚିହ୍ନଟ କରି ବିଦ୍ୟାଳୟରେ ନାମ ଲେଖାଇବେ ଏବଂ ପ୍ରାଥମିକ ଶିକ୍ଷା ଶେଷ ପର୍ଯ୍ୟନ୍ତ ଶିଶୁର ଉପସ୍ଥାନ ତଦାରଖ କରିବେ;
- ଶିଶୁମାନଙ୍କ ପାଇଁ ନିକଟତମ କୁହାଯାଉଥିବା ସ୍କୁଲର ବ୍ୟବସ୍ଥା। ଶିକ୍ଷାଦାନ ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ଆବଶ୍ୟକସ୍ଥଳେ ସ୍କୁଲ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ;
- ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷଣ ବ୍ୟବସ୍ଥା। ଠିକ୍ ସମୟରେ ପାଠ୍ୟକ୍ରମ ଶେଷ କରାଯିବା ବ୍ୟବସ୍ଥା;
- ସ୍କୁଲ ପରିସରକୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର ନକରିବା;
- ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ, ଶିକ୍ଷକମାନଙ୍କ ପାଇଁ ଆବଶ୍ୟକ ତାଲିମ୍ ବ୍ୟବସ୍ଥା ତଥା ଶିକ୍ଷକମାନଙ୍କ ନିୟମିତ ଶିକ୍ଷାଦାନ ସଂକ୍ରାନ୍ତ ଯାଞ୍ଚ।
- ବିଦ୍ୟାଳୟର ବିକାଶ ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତି।
- ମାଗଣାରେ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଯଥା ମଧ୍ୟାହ୍ନ ଭୋଜନ, ପାଠ୍ୟ ବହି, ପଠନ ଲିଖନ ସାମଗ୍ରୀ, ସ୍କୁଲ ଡ୍ରେସ୍ ଆଦିର ବିତରଣ ବେଳେ ତଦାରଖ କରିବା।

**ଘୋଷଣାନାମା:-** ଇଉରୋପୀଅନ୍ ୟୁନିଅନ୍‌ର ସହାୟତାରେ ଏବଂ ଡ୍ୟାନ୍ ଚର୍ଚ୍ଚ ଏଡ୍ ଓ ସ୍ପ୍ରେଡ୍ କୋରାପୁଟଙ୍କ ଦ୍ୱାରା କାର୍ଯ୍ୟକାରୀ ଏକ ପ୍ରକଳ୍ପ ସୌଜନ୍ୟରେ ପ୍ରସ୍ତୁତ ଏହି ଲେଖା ସରକାରଙ୍କ ବିଭିନ୍ନ ପ୍ରକାଶନରୁ ଉଦ୍ଧୃତ। ଏଠାରେ ଲିଖିତ ବିଷୟବସ୍ତୁ ପାଇଁ ଇଉରୋପୀଅନ୍ ୟୁନିଅନ୍ କୌଣସି ସ୍ଥଳେ ଦାୟୀ ନୁହଁନ୍ତି।